বিক্রম সিতোলে এবং অন্যমানে

বনাম

এম্.পি. রাজ্য সড়ক পরিবহন নিগম এবং অন্যমানে

ডিসেম্বর 11, 1996

[কে. রামাস্বামী এবং জি.টি. নানাবতী, ন্যায়মূর্ত্তিদ্বয়]

*মোটর যান অধিনিয়ম, 1939 : ধারা 68D(3)।*

*সূচিত মার্গ- ধারা- 68D(3) অধীনরে প্রকাশিত অনুমোদিত মার্গ- পরবর্ত্তী সময়রে "স্বয়ং নিযুক্তি যোজনা" প্রস্তুত - যোজনা অধীনরে বেকার স্নাতকমানঙ্কু সূচিত মার্গরে যান পরিবহন নিয়ম এবং সর্ত্তাবলী অনুযায়ী চলাইবাকু অনুমতি দিআযাইছি- অপিলকারীঙ্ক অনুমতিপত্র বাতিল হোইছি কারণ সে নিয়ম এবং সর্ত্তাবলী অনুপালন করি নথিলে- রিট্- উচ্চ ন্যায়ালয়ঙ্ক দ্বারা খারজ করাযাইথিবা- অপিল- দর্শাযাইছি, এক সূচিত সংরক্ষিত মার্গরে রখাযাইথিবা কৌণসি ঘরোই অপরেটর পরিবহন যান চলাইপারিবে নাহিঁ- এহি মামলারে, রাজ্য সড়ক পরিবহন নিগম অনুমতিপত্র পাইথিলা- তেণু, সূচিত যোজনা অধীনরে এহা ব্যতীত অন্য কেহি কেবল যোজনা অনুযায়ী সূচিত মার্গরে পরিবহন যান চালনা করিপারিবে নাহিঁ- তেণু, এহি আত্ম-নিযুক্তি যোজনা স্পষ্টভাবরে বেআইন অটে- ন্যায়ালয়ঙ্ক দ্বারা রিট্ আবেদন খারজ করিবা কৌণসি আইনগত ত্রুটি দ্বারা ব্যর্থ হোইনাহিঁ।*

*ব্রিজ মোহন পরিহার ইত্যাদি বনাম এম্.পি. রাজ্য সড়ক পরিবহন নিগম এবং অন্যান্য ইত্যাদি* **[1987] 1 SCC 13, উল্লেখ করাযাইছি।**

দেৱানী অপিল অধিকারিতা : দেৱানী অপিল সংখ্যা- 811/ 1986।

মিস্.পি.সংখ্যা-572/1985 রে মধ্য প্রদেশ উচ্চ ন্যায়ালয়ঙ্কর তা13.1.86রিখর রায় এবং আদেশরু।

অপিলকারীমানঙ্ক পাইঁ এম্ এন্ ক্রিষ্ণমণী এবং প্রবির চৌধুরী।

উত্তরদাতামানঙ্ক পাইঁ রাজিন্দর নারায়ণ এবং কো. (এন্ পি)।

ন্যায়ালয়ঙ্কর নিম্নলিখিত আদেশ প্রদান করাযাইথিলা :

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ 13, ଜାନୁଆରୀ 1986 ତାରିଖର ବିବିଧ ଆବେଦନ ସଂଖ୍ୟା- 572/1985 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ, ଗ୍ୱାଲିୟର ପୀଠର ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ସ୍ଥିତି ହେଉଛି ଯେ, ପ୍ରଶ୍ନରେ ଥିବା ମାର୍ଗ, ଅର୍ଥାତ୍ ଗ୍ୱାଲିୟରରୁ ଇନ୍ଦୋର, ମୋଟର ଯାନ ଅଧିନିୟମର ଅଧ୍ୟାୟ IV-A ("ଅଧିନିୟମ 4/1939", ସଂକ୍ଷେପରେ) ଅଧୀନରେ ସୂଚିତ କରାଯାଇଥିଲା, ଯାହାକୁ ମୋଟର ଯାନ ଅଧିନିୟମ, 1988 ଦ୍ୱାରା ବାତିଲ ଏବଂ ପୁନଃ ପ୍ରଣୟନ କରାଯାଇଛି । ଧାରା- 68D(3) ଅଧୀନରେ ଅନୁମୋଦିତ ମାର୍ଗ ପ୍ରକାଶିତ ହେବା ପରେ, ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହା ଅଧୀନରେ ବେକାର ସ୍ନାତକମାନଙ୍କୁ "ସ୍ୱ-ନିଯୁକ୍ତି ଯୋଜନା" ଅଧୀନରେ ନିର୍ଦ୍ଦିଷ୍ଟ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ସୂଚିତ ମାର୍ଗରେ ପରିବହନ ଯାନ ଚଳାଇବା ପାଇଁ ଅନୁମତି ଦିଆଯାଇଥିଲା । ଏହା ଦେଖାଯାଉଛି ଯେ, ଅପିଲକାରୀ ଉକ୍ତ ନିୟମ ଏବଂ ସର୍ତ୍ତାବଳୀ ପାଳନ କରି ନଥିଲେ - ଯାହା ଫଳରେ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ସେମାନଙ୍କର ଅନୁମତିପତ୍ର ବାତିଲ କରାଯାଇଥିଲା । ପ୍ରଶ୍ନରେ ଥିବା କାର୍ଯ୍ୟକୁ ଉଠାଇ ଅପିଲକାରୀମାନେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଉକ୍ତ ରିଟ୍ ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ଅଟେ ।

ବିବାଦଟି ଆଉ ନିଷ୍ପତ୍ତି ନହୋଇଥିବା ବସ୍ତୁ ହୋଇ ରହିନାହିଁ । ଏହା ସ୍ଥାୟୀ ଆଇନଗତ ସ୍ଥିତି ଯେ, ଅଧିନିୟମର ଧାରା- 68-D ର ଉପ-ଧାରା- (3) ଅଧୀନରେ ରାଜପତ୍ରରେ ଥରେ ବିଜ୍ଞପ୍ତି ପ୍ରକାଶିତ ହେବା ପରେ, ସମସ୍ତ ପୂର୍ବରୁ ଥିବା ପରିଚାଳକମାନେ ଯୋଜନାରେ ଉଲ୍ଲେଖ କରାଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବା ବନ୍ଦ କରିବେ, ଯାହା ସ୍ୱୟଂ ଆଇନ ଅଟେ । ଯଦି ରାଜ୍ୟ ସଡ଼କ ପରିବହନ ନିଗମ ଅନୁମତି ପାଇବାରେ ବିଫଳ ହୁଅନ୍ତି, ଏସ୍ ଟି ଏ /ଆର୍ ଟି ଏ କୁ ନିୟମିତ ଅନୁମତି ପାଇବା ପର୍ଯ୍ୟନ୍ତ ରାଜ୍ୟକୁ ଅସ୍ଥାୟୀ ଅନୁମତି ଦେବାର କ୍ଷମତା ଦିଆଯାଇଛି । ଏହି ମାମଲାରେ, ସ୍ୱୀକାରଯୋଗ୍ୟ ଭାବେ, ରାଜ୍ୟ ସଡ଼କ ପରିବହନ ନିଗମ ଅନୁମତିପତ୍ର ପାଇଥିଲା ଏବଂ ସେଥିପାଇଁ, ତାହା ସୂଚିତ ଯୋଜନା ଅଧୀନରେ, ରାଜ୍ୟ ସଡ଼କ ପରିବହନ ନିଗମ ବ୍ୟତୀତ ଅନ୍ୟ କୌଣସି ଯୋଜନା ଅନୁଯାୟୀ ସୂଚିତ ମାର୍ଗରେ ପରିବହନ ଯାନ ଚାଳନା କରିପାରିବେ ନାହିଁ । ତେଣୁ, ଆତ୍ମ-ନିଯୁକ୍ତି ଯୋଜନା ସ୍ପଷ୍ଟ ଭାବରେ ବେଆଇନ ଅଟେ । *ବ୍ରିଜ ମୋହନ ପରିହାର ଇତ୍ୟାଦି ବନାମ ଏମ୍.ପି. ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଅନ୍ୟମାନେ ଇତ୍ୟାଦି* [1987] 1 SCC 13 ମାମଲାରେ ଏହି ନ୍ୟାୟାଳୟ, ମାମଲାର ଏହି ଆଧାରକୁ ବିଚାର କରିଥିଲେ ଏବଂ ରାୟର ଅନୁଚ୍ଛେଦ 3 ରେ ଏହା ଦର୍ଶାଯାଇଥିଲା ଯେ, ତଥାପି, ଅଧିନିୟମ ଅଧୀନରେ ନିଗମକୁ ଅଧିନିୟମର ଅଧ୍ୟାୟ- IV-A ଅଧୀନରେ ଏକ ଅନୁମତି ପାଇବା ଏବଂ ଜଣେ ଘରୋଇ ପରିଚାଳକଙ୍କୁ ତାଙ୍କର ମନୋନୀତ ବ୍ୟକ୍ତି ଭାବରେ ସେହି ଅନୁମତି ଅଧୀନରେ ତାଙ୍କର ମୋଟର ଯାନକୁ ସୂଚିତ ମାର୍ଗରେ ଏକ ପରିବହନ ଯାନ ଭାବରେ ପରିଚାଳନା କରିବାକୁ ଅନୁମତି ଦିଆଯାଇ ନାହିଁ । ନାମାଙ୍କନ ଦେୟ କିମ୍ବା ଲାଭାଂଶ କିମ୍ବା ତଦାରଖ ଦେୟ ଭାବରେ କୌଣସି ଟଙ୍କା ସଂଗ୍ରହ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ତେଣୁ, ଏହା ଦେଖାଯିବ ଯେ, ଏକ ସୂଚିତ ସଂରକ୍ଷିତ ମାର୍ଗରେ କୌଣସି ଘରୋଇ ପରିଚାଳକର

ପରିବହନ ଯାନ ଚଲାଇପାରିବେ ନାହିଁ । ସେହି ଅନୁସାରେ, ଆମେ ଦର୍ଶାଉଛୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅପିଲକାରୀମାନଙ୍କର ରିଟ୍ ଆବେଦନକୁ ଖାରଜ କରିବା କୌଣସି ଆଇନଗତ ତ୍ରୁଟି ଦ୍ୱାରା ହସ୍ତକ୍ଷେପର ଆବଶ୍ୟକତା ପୂରଣ କରେ ନାହିଁ ।

ତେଣୁ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲକୁ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**